# NATIONAL NEWS BULLETIN (ODIA)

**15 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ଦିବସ ଅବସରରେ ଲାଲ୍‌କିଲ୍ଲା ପ୍ରାଚୀରରୁ ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

– ଶତ୍ରୁପକ୍ଷର ଯେକୌଣସି ପ୍ରୟାସକୁ ପ୍ରତିହତ କରିବା ପାଇଁ ଆରମ୍ଭ ହେବ ମିଶନ ସୁଦର୍ଶନଚକ୍ର

– ଦୀପାବଳି ସୁଦ୍ଧା କାର୍ଯ୍ୟକାରୀ ହେବ ନୂତନ ଜିଏସ୍‌ଟି ସଂସ୍କାର

- ଆରମ୍ଭ ହେବ ଜାତୀୟ ଗଭୀର ଜଳ ଅନୁସନ୍ଧାନ ମିଶନ
- ଚଳିତବର୍ଷ ଶେଷ ସୁଦ୍ଧା ଉତ୍ପାଦିତ ହେବ ଭାରତ ନିର୍ମିତ ସେମିକଣ୍ଡକ୍ଟର ଚିପ୍‌ସ
- ଭାରତର ନିଜସ୍ୱ ମହାକାଶ କେନ୍ଦ୍ର ସ୍ଥାପନା ନେଇ ଯୋଜନା ସଂପର୍କରେ ଘୋଷଣା କଲେ ପ୍ରଧାନମନ୍ତ୍ରୀ

ଏବଂ

- କ୍ୱାଣ୍ଟବକ୍ସ ଚେନ୍ନାଇ ଗ୍ରାଣ୍ଡ ମାଷ୍ଟର୍ସ -୨୦୨୫ରେ ଜର୍ମାନ ଗ୍ରାଣ୍ଡମାଷ୍ଟର ଭିନ୍‌ସେଣ୍ଟ କିମର୍ ବିଜୟୀ

## ପିଏମ୍-ଇଣ୍ଡିପେଣ୍ଡେସ୍ ଡେ

ଦେଶ ଆଜି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ଲାଲ୍‌କିଲ୍ଲାରୁ ଜାତୀୟ ପତାକା

ଉତ୍ତୋଳନ କରିଛନ୍ତି । ଦେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ ଅପରେସନ୍ ସିନ୍ଦୂରର ସାହସୀ ସୈନିକମାନଙ୍କୁ ସଲାମ୍ କରି କହିଛନ୍ତି, ଏହି ଅପରେସନ୍ ଦେଶର ସଶସ୍ତ୍ର ବାହିନୀର ବୀରତ୍ୱ ଏବଂ ସଠିକତାର ଏକ ଶକ୍ତିଶାଳୀ ପ୍ରମାଣ ।

ସେ କହିଛନ୍ତି, ସରକାର ସଶସ୍ତ୍ର ବାହିନୀକୁ ରଣନୀତି ପ୍ରସ୍ତୁତ କରିବା, ଲକ୍ଷ୍ୟ ଓ ସମୟ ସ୍ଥିର କରିବା ଲାଗି ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସାହସୀ ସୈନିକମାନେ ଶତ୍ରୁମାନଙ୍କୁ କଡ଼ା ଜବାବ ଦେଇଛନ୍ତି । ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନରେ ଶହ ଶହ କିଲୋମିଟର ଶତ୍ରୁ ଅଞ୍ଚଳରେ ଆକ୍ରମଣ କରି ଆତଙ୍କବାଦୀ ଶିବିର ଗୁଡ଼ିକୁ ନଷ୍ଟ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପହଲଗାମ୍‌ରେ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଭୟଙ୍କର ଘଟଣା ଦ୍ୱାରା ପ୍ରତ୍ୟେକ ଭାରତୀୟ କ୍ରୋଧିତ ହୋଇଛନ୍ତି ଏବଂ ଅପରେସନ୍ ସିନ୍ଦୂର ହେଉଛି ତାର ପରିପ୍ରକାଶ ।

ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବେ ନିଷ୍ପତ୍ତି ନେଇଛି, ରକ୍ତ ଓ ପାଣି ଏକାଠି ପ୍ରବାହିତ ହେବ ନାହିଁ । ଶ୍ରୀ ମୋଦୀ କହିଛନ୍ତି, ଭାରତୀୟମାନେ ଅନୁଭବ କରିଛନ୍ତି, ସିନ୍ଧୁ ଜଳଚୁକ୍ତି ଅନ୍ୟାୟ ଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଆଉ ପରମାଣୁ ଆଳରେ ଦିଆଯାଉଥିବା ଯୁଦ୍ଧ ଧମକକୁ ସହ୍ୟ କରିବ ନାହିଁ ।

ପ୍ରଧାନମନ୍ତ୍ରୀ କହିଛନ୍ତି,  ଶତ୍ରୁମାନଙ୍କ ଦ୍ୱାରା ଯେକୌଣସି ପ୍ରୟାସକୁ ପ୍ରତିହତ କରିବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ସୃଷ୍ଟି କରିବା ପାଇଁ ଭାରତ **ମିଶନ ସୁଦର୍ଶନ ଚକ୍ର** ଆରମ୍ଭ କରିବ । ଶ୍ରୀ ମୋଦୀ କହିଛନ୍ତି ଆଗାମୀ ୧୦ବର୍ଷ ମଧ୍ୟରେ ୨୦୩୫ ସୁଦ୍ଧା ଏହି ଜାତୀୟ ସୁରକ୍ଷା

ଢ଼ାଲକୁ ବିସ୍ତାର, ସୁଦୃଢ଼ ଏବଂ ଆଧୁନିକୀକରଣ କରାଯିବ । ସେ ମିଶନକୁ ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ସହ ଯୋଡ଼ିଥିଲେ ।

**V/O-PM-1**

ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଶକ୍ତି, ମହାକାଶ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତର ଅଗ୍ରଗତିକୁ ଉଲ୍ଲେଖ କରି ଆତ୍ମନିର୍ଭର ଭାରତକୁ ଦେଶର ପ୍ରମୁଖ ମୂଳଦୁଆ ଭାବେ ଗୁରୁତ୍ୱାରୋପ କରିଥିଲେ । ସେ ଭାରତର ପ୍ରତିରକ୍ଷା ଆତ୍ମନିର୍ଭରତାର ପ୍ରଦର୍ଶନ ଭାବେ ଅପରେସନ ସିନ୍ଦୂରକୁ ପ୍ରଶଂସା କରିବା ସହ ଜାତୀୟ ସୁରକ୍ଷା ବିଦେଶୀ ନିର୍ଭରଶୀଳତା ଉପରେ ନିର୍ଭର କରିପାରିବ ନାହିଁ ବୋଲି କହିଥିଲେ ।

**V/O-PM-2**

ପ୍ରଧାନମନ୍ତ୍ରୀ କହିଛନ୍ତି ସରକାର ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଦେଶ ସେମାନଙ୍କର ସ୍ୱାର୍ଥ ସହ କେବେ ବି ସାଲିସ୍ କରିବ ନାହିଁ । ସରକାର ୧ ଲକ୍ଷ କୋଟି ଟଙ୍କାର ଏକ ପ୍ରମୁଖ ନିଯୁକ୍ତି ଯୋଜନା ଆରମ୍ଭ କରିଛନ୍ତି, ଯାହା ଅଧୀନରେ ନୂତନ ନିଯୁକ୍ତିପ୍ରାପ୍ତ ଯୁବକ ଯୁବତୀମାନେ ପ୍ରତିମାସରେ ୧୫ ହଜାର ଟଙ୍କା ପାଇବେ । ଏହି ଯୋଜନାର ଲକ୍ଷ୍ୟ ୩ କୋଟିରୁ ଅଧିକ ଯୁବକ ଯୁବତୀଙ୍କୁ ଲାଭ ପହଞ୍ଚାଇବା ସହ ସ୍ୱତନ୍ତ୍ର ଭାରତରୁ ସମୃଦ୍ଧ ଭାରତ ପର୍ଯ୍ୟନ୍ତ ସେତୁକୁ ମଜବୁତ କରିବ ।

ଆସନ୍ତା ଦୀପାବଳି ସୁଦ୍ଧା ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ପ୍ରଚଳନର ଘୋଷଣା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାର ଲକ୍ଷ୍ୟ ହେଉଛି ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉପରେ ଟିକସ ହ୍ରାସ କରିବା । ସେ

କହିଛନ୍ତି, ଏହି ସଂସ୍କାର ସାଧାରଣ ଲୋକ, ଚାଷୀ, ମଧ୍ୟବିତ୍ତବର୍ଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଅଶ୍ୱସ୍ତି ଆଣିବ ।

**V/O-PM-3**

ପ୍ରଧାନମନ୍ତ୍ରୀ ମୋଦୀ,  ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଏବଂ ଅବୈଧ ପ୍ରବାସ ଯୋଗୁଁ ଜନସଂଖ୍ୟାଗତ ଅସନ୍ତୁଳନର ବିପଦ ଉପରେ ଆଲୋକପାତ କରିଥିଲେ । ଏହି ସମସ୍ୟାର ମୁକାବିଲା ପାଇଁ ସେ ଉଚ୍ଚଶକ୍ତିଶାଳୀ ଜନସଂଖ୍ୟା ମିଶନ ଆରମ୍ଭର ଘୋଷଣା କରିଛନ୍ତି । ଯାହାଦ୍ୱାରା ନାଗରିକମାନଙ୍କର ଏକତା, ଅଖଣ୍ଡତା ଏବଂ ଅଧିକାର ସୁରକ୍ଷିତ ରହିବ । ଭାରତର ବଜେଟର ଏକ ବଡ଼ ଅଂଶ ଏବେ ମଧ୍ୟ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଆମଦାନୀ କରିବାରେ ଖର୍ଚ୍ଚ ହେଉଛି । ସେ ସୌର, ହାଇଡ୍ରୋଜେନ, ଜଳ ଏବଂ ପରମାଣୁ ଶକ୍ତିରେ ପ୍ରମୁଖ ପ୍ରସାର ସହିତ ସମୁଦ୍ର ସମ୍ପଦ ବ୍ୟବହାର ପାଇଁ ଜାତୀୟ ଗଭୀର ଜଳ ଅନୁସନ୍ଧାନ ମିଶନ ଆରମ୍ଭ କରିବାର ଘୋଷଣା କରିଛନ୍ତି ।

**V/O-PM-4**

ଦେଶର ପରମାଣୁ ଶକ୍ତି ବିସ୍ତାର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ୧୦ଟି ନୂତନ ପରମାଣୁ ରିଆକ୍ଟର କାର୍ଯ୍ୟକ୍ଷମ ରହିଛି ଓ ସ୍ୱାଧୀନତାର ଶହେତମ ବର୍ଷ ସୁଦ୍ଧା ଦେଶ ପରମାଣୁ ଶକ୍ତି କ୍ଷମତାକୁ ଦଶଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଚଳିତବର୍ଷ ଶେଷ ସୁଦ୍ଧା ମେଡ୍ ଇନ୍ ଇଣ୍ଡିଆ ସେମିକଣ୍ଡକ୍ଟର ଚିପ୍‌ସ ଲଞ୍ଚ କରିବ । ଯାହା ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶର ବର୍ଦ୍ଧିତ ଶକ୍ତିକୁ ପ୍ରତିଫଳିତ କରିବ । ବିଶ୍ୱ

ପ୍ରତିଯୋଗିତା ପାଇଁ ଏଆଇ, ସାଇବର୍ ସୁରକ୍ଷା, ଡିପ୍‌ଟେକ୍ ଏବଂ ଅପରେଟିଂ ସିଷ୍ଟମ୍‌ରେ ନବସୃଜନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ତର୍ଜାତୀୟ ମହାକାଶକେନ୍ଦ୍ରରୁ ଫେରିଥିବା ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଉଲ୍ଲେଖନୀୟ ସଫଳତାକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ଭାରତର ନିଜସ୍ୱ ମହାକାଶ କେନ୍ଦ୍ର ପାଇଁ ମହତ୍ତ୍ୱାକାଂକ୍ଷୀ ଯୋଜନା ସଂପର୍କରେ ଘୋଷଣା କରିଛନ୍ତି । ମହାକାଶ କ୍ଷେତ୍ରରେ ଭାରତ ଗଗନଯାନ ପାଇଁ ପ୍ରସ୍ତୁତି କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଦେଶରେ ୩୦୦ରୁ ଅଧିକ ଷ୍ଟାର୍ଟଅପ୍', ସାଟେଲାଇଟ୍, ଅନୁସନ୍ଧାନ ଏବଂ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସକ୍ରିୟ ଭାବେ ନବସୃଜନ କରୁଛନ୍ତି, ଯାହା ଭାରତର ମହାକାଶ ବିଜ୍ଞାନ ଏବଂ ଅନୁସନ୍ଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେଉଛି । ଶ୍ରୀ ମୋଦୀ ଯୁବବୈଜ୍ଞାନିକ, ପ୍ରତିଭାବାନ ଯୁବପିଢ଼ି, ଇଞ୍ଜିନିୟର ଏବଂ ସରକାରଙ୍କ ପ୍ରତ୍ୟେକ ବିଭାଗକୁ ବିମାନ ପାଇଁ ନିର୍ମିତ ଭାରତ ଯୁଦ୍ଧ ବିମାନ ଇଞ୍ଜିନ୍ ଉତ୍ପାଦନ କରିବାକୁ ଆହ୍ୱାନ ଦେଇଛନ୍ତି ।

**V/O-PM-5**

ପ୍ରଧାନମନ୍ତ୍ରୀ ଗତ ୧୦୦ବର୍ଷ ଧରି ରାଷ୍ଟ୍ରସେବାରେ ସମର୍ପିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱେଚ୍ଛାସେବକମାନଙ୍କ ସମର୍ପଣକୁ ସଲାମ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ନିମନ୍ତ୍ରିତ ବିଶେଷ ଅତିଥି ଏବଂ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ଜାତୀୟ ସଂଗୀତ ଗାନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

ଲାଲ୍‌କିଲ୍ଲାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ

ଗାର୍ଡ଼୍ଅଫ୍ ଅନରର ଗ୍ରହଣ କରିବା ପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବାୟୁସେନାର ଦୁଇଟି ଏମ୍.ଆଇ.-୧୭ ହେଲିକପ୍ଟର ଦ୍ୱାରା ସଭା ସ୍ଥଳରେ ପୁଷ୍ପ ପାଖୁଡ଼ା ବର୍ଷା କରାଯାଇଥିଲା ।  ଲାଲ୍‌କିଲ୍ଲାରେ ପହଞ୍ଚିବା ପୂର୍ବରୁ ଶ୍ରୀ ମୋଦୀ ରାଜଘାଟ ଯାଇ ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

---

## ପିଏମ୍-ଜେକେ କ୍ଲାଉଡବ୍ରଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜାମ୍ମୁକାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ସହ କିସ୍ତୱାର୍‌ରେ ବାଦଲଫଟା ବର୍ଷା ପରବର୍ତ୍ତୀ ବନ୍ୟା ପରିସ୍ଥିତି ସଂପର୍କରେ କଥା ହୋଇଛନ୍ତି । ପ୍ରଭାବିତ ଲୋକଙ୍କୁ ସହାୟତା କରିବା ପାଇଁ କର୍ତ୍ତୃପକ୍ଷ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ସମ୍ବାଦ ସେବା ବିଭାଗ ଏକ ନୂତନ ପୋଡ୍‌କାଷ୍ଟ ସିରିଜ୍ **ପର୍ସନ୍ ବିହାଇଣ୍ଡ୍ ଦ ଷ୍ଟୋରୀ** ବା **କାହାଣୀ ପଛର ନାୟକ** ଆରମ୍ଭ କରୁଛି । ସ୍ୱାଧୀନତା ଦିବସ ଅବସରରେ ଆମେ ଆଜି ଆମର ପ୍ରଥମ ଏପିସୋଡ୍ ଆରମ୍ଭ କରୁଛୁ । ଏହି ଏପିସୋଡ୍‌ରେ  ଲେଫ୍ଟନାଣ୍ଟ ଆର୍. ମାଧବନ୍ ପିଲାଇଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରଚାର କରାଯିବ । ପ୍ରାୟ ଶହେବର୍ଷ ପୂର୍ବେ ଜନ୍ମିତ ଶ୍ରୀ ପିଲାଇ ଭାରତୀୟ ସେନାର ଅଂଶ ରହିବା ସହ ସ୍ୱାଧୀନତା ସଂଗ୍ରାମରେ ଅବଦାନ ରଖିଥିଲେ । ଏହି ପୋଡ୍‌କାଷ୍ଟ ଆଜି ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ପ୍ରସାରଣ କରାଯିବ । କାର୍ଯ୍ୟକ୍ରମ ୧୦୦.୧ ଆକାଶବାଣୀ ଏଫ୍.ଏମ୍. ଗୋଲ୍ଡ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସୀ ଗୁଡ଼ିକରେ ଶୁଣାଯାଇ ପାରିବ  ଏତଦ୍‌ବ୍ୟତୀତ ଆମର ୱେବ୍‌ସାଇଟ୍ newsonair.gov.in ଆମର ୟୁଟ୍ୟୁବ୍ ଚ୍ୟାନେଲ୍ newsonair official ରେ ମଧ୍ୟ ଉପଲବ୍ଧ ହେବ ।

---

# ଚେସ୍

ଚେସ୍‌ରେ ଜର୍ମାନ ଗ୍ରାଣ୍ଡମାଷ୍ଟର ଭିନ୍‌ସେଣ୍ଟ୍ କିମର୍ ଗୋଟିଏ ରାଉଣ୍ଡ ବାକିଥାଇ କ୍ୱାଣ୍ଟବକ୍ସ ଚେନ୍ନାଇ ଗ୍ରାଣ୍ଡମାଷ୍ଟର୍ସ ୨୦୨୫ରେ ବିଜୟଲାଭ କରିଛନ୍ତି । ୨୦ ବର୍ଷୀୟ ଡଚ୍ ଗ୍ରାଣ୍ଡମାଷ୍ଟର ଜୋଡେନ୍ ଭାନ୍ ଫୋରେଷ୍ଟ୍‌ଙ୍କ ସହ ମ୍ୟାଚ୍ ଡ୍ର କରିବା ପରେ ତାଙ୍କର ଟାଇଲଟ୍ ସୁରକ୍ଷିତ ରହିଥିଲା ଏବଂ ଅନ୍ୟାନ୍ୟ ଫଳାଫଳ ତାଙ୍କ ବିଜୟକୁ ନିଶ୍ଚିତ କରିଥିଲା । ଇଭେଣ୍ଟ ଇତିହାସରେ ସେ ପ୍ରଥମ ଏକମାତ୍ର ଚମ୍ପିୟାନ୍ ହୋଇଛନ୍ତି ।